# ଜିଲ୍ଲା ସ୍ତରୀୟ ସପ୍ତମ ଅର୍ଥନୈତିକ ଗଣନା କାର୍ଯ୍ୟର ଶୁଭାରମ୍ଭ ।

କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ବିଭାଗ ଦ୍ୱାରା ମନୋନୀତ ଇ-ଗଭର୍ନାନ୍ସ ସର୍ଭିସ ଇଣ୍ଡିଆ ଲିମିଟେଡର ଜନସେବା କେନ୍ଦ୍ର ସହଯୋଗରେ ସପ୍ତମ ଅର୍ଥନୈତିକ ଗଣନା କାର୍ଯ୍ୟର ଆଜି ଶୁଭାରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି ଜିଲ୍ଲା କାର୍ଯ୍ୟାଳୟ ପରିସରରୁ ଆନୁଷ୍ଠାନିକ ଭାବେ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ଗଣନାର ଆଭିମୁଖ୍ୟ ହେଉଛି ଜିଲ୍ଲାର ଭୌଗଳିକ ସୀମାରେଖା ମଧ୍ୟରେ ଥିବା ସମସ୍ତ ବାସଗୃହ ଓ ଉଦ୍ୟୋଗ ଗୁଡିକର ସମ୍ପୂର୍ଣ୍ଣ ଗଣନା କରାଯିବା । ଏହି ଅର୍ଥନୈତିକ ଗଣନାରେ ପ୍ରଥମ ଥର ପାଇଁ ମୋବାଇଲ୍ ଆପ୍ଲିକେସନ ଜରିଆରେ ତଥ୍ୟ ସଂଗ୍ରହ କରାଯିବ । ଏହି ତଥ୍ୟ ସମ୍ପୂର୍ଣ୍ଣ ଗୋପନୀୟ ରଖାଯିବ ଏବଂ ଏହା କେବଳ ସରକାରଙ୍କ ଯୋଜନା ପ୍ରଣୟନ ଉଦ୍ଦେଶ୍ୟରେ ହିଁ ବ୍ୟବହୃତ ହେବ । ଏହି ଗଣନା କାର୍ଯ୍ୟରେ ୩ ହଜାରୁ ଉର୍ଦ୍ଧ ଗଣନାକାରୀ ଓ ୨୫୦ ଜଣ ସୁପରଭାଇଜର ନିୟୋଜିତ ହୋଇଛନ୍ତି । ସଂଗୃହିତ ହେଉଥିବା ତଥ୍ୟ ଗୁଡିକୁ ସୁପରଭାଇଜରମାନଙ୍କ ଦ୍ୱାରା ସଠିକ୍ ଭାବେ ଯାଞ୍ଚ କରାଯାଇ ସପ୍ତମ ଅର୍ଥନୈତିକ ଗଣନା ପ୍ରକାଶିତ ହେବ । ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି, ପରିସଂଖ୍ୟାନ ବିଭାଗର ଉପନିର୍ଦ୍ଦେଶକ ଶ୍ରୀ ରବିନ୍ଦ୍ର ନାଥ ନାୟକ, ସହ ନିର୍ଦ୍ଦେଶକ ଶ୍ରୀ ଯଶୋବନ୍ତ ବେହେରା,ଜିଲ୍ଲା ପରିଚାଳକ ଶ୍ରୀ ଦେବାଶିଷ ମିଶ୍ର ଓ ଶ୍ରୀ ସୁକାନ୍ତ କୁମାର ମିଶ୍ର ଏବଂ ଜିଲ୍ଲା ସଂଯୋଜକ ଶ୍ରୀ ଆଶୁତୋଷ ସାହାଣି ପ୍ରମୁଖ ଉପସ୍ଥିତ ଥିଲେ ।

